


୧୯ ବର୍ଷ ● ୧୦ମ ସଂଖ୍ୟା ● ଅପ୍ରେଲ ୨୦୧୯

**ସ୍ୱତନ୍ତ୍ର ଆଲେଖ୍ୟ:** ହନୁମାନଙ୍କ ଜନ୍ମ ରହସ୍ୟ
**ଆଳାପ:** ଦେବୀ ଆରାଧନାରେ ଚୈତ୍ର ମାସ ଓ ଚଇତି ପର୍ବ
**ପ୍ରଥମ ପ୍ରସଙ୍ଗ:** ପ୍ରେମ, ପରିଣୟ ଓ ପରାକାଷ୍ଠା (ଶେଷ ଭାଗ)
**ବିଶେଷ ପ୍ରସଙ୍ଗ:** ନବେ ଦଶକର ନବଜାତ: ଓଡ଼ିଆ ଗଳ୍ପର ଭବିଷ୍ୟତ
**କାଳଜୟୀ:** ରବି ପଟ୍ଟନାୟକ
**ସାହିତ୍ୟ :** ୧୨ଟି ଗଳ୍ପ, ୩ଟି କବିତା
**ନିୟମିତ :** ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।

## ସ୍ୱତନ୍ତ୍ର ଆଲେଖ୍ୟ: ହନୁମାନଙ୍କର ଜନ୍ମ ରହସ୍ୟ
### ଲେଖକ: ଶରତ ଚନ୍ଦ୍ର ପରିଡ଼ା

ଚଳିତ ମାସରେ ପଡୁଛି ପବିତ୍ର ଶ୍ରୀ ହନୁମାନ ଜୟନ୍ତୀ। ହିନ୍ଦୁ ଧର୍ମରେ ସଙ୍କଟ ମୋଚନ ଶ୍ରୀ ହନୁମାନଜୀଙ୍କ ଆରାଧନା ଏକ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ଏହି ଆଲେଖ୍ୟ ପ୍ରଭୁ ଶ୍ରୀ ହନୁମାନଙ୍କୁ ନିବେଦିତ।

## ପ୍ରଥମ ପ୍ରସଙ୍ଗ: ପ୍ରେମ, ପରିଣୟ ଓ ପରାକାଷ୍ଠା
### ଲେଖିକା: ଇତି ସାମନ୍ତ

କାହିଁକି ନା' ଏହା ମୁଁ ନିଃସନ୍ଦେହରେ କହି ପାରେ ଭାଗ୍ୟ ଦୋଷରୁ ଏଭଳି ଦଣ୍ଡ ପାଉଥିଲେ ମଧ୍ୟ ପୁରୁଷୋତ୍ତମ ସ୍ୱାମୀ ମୋର। ଆଉ ପୁରୁଷ ଯେତେବେଳେ ଉତ୍ତମ ହୁଅନ୍ତି ସେତେବେଳେ ସେହି ପୁରୁଷଙ୍କ ନିମନ୍ତେ ନିଜକୁ ଉତ୍ସର୍ଗ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ କୌଣସି ନାରୀ। ଉତ୍ତମ ପୁରୁଷ ସାମୟିକ ପଥହରା ହୋଇପାରନ୍ତି, କିନ୍ତୁ ତାହା ବେଶୀଦିନ ନିମନ୍ତେ ନୁହେଁ।କାହିଁକି ନା' ଏହା ମୁଁ ନିଃସନ୍ଦେହରେ କହି ପାରେ ଭାଗ୍ୟ ଦୋଷରୁ ଏଭଳି ଦଣ୍ଡ ପାଉଥିଲେ ମଧ୍ୟ ପୁରୁଷୋତ୍ତମ ସ୍ୱାମୀ ମୋର। ଆଉ ପୁରୁଷ ଯେତେବେଳେ ଉତ୍ତମ ହୁଅନ୍ତି ସେତେବେଳେ ସେହି ପୁରୁଷଙ୍କ ନିମନ୍ତେ ନିଜକୁ ଉତ୍ସର୍ଗ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ କୌଣସି ନାରୀ। ଉତ୍ତମ ପୁରୁଷ ସାମୟିକ ପଥହରା ହୋଇପାରନ୍ତି, କିନ୍ତୁ ତାହା ବେଶୀଦିନ ନିମନ୍ତେ ନୁହେଁ।

## ସ୍ୱତନ୍ତ୍ର ଆଲେଖ୍ୟ: ଦେବୀ ଆରାଧନାରେ ଚୈତ୍ର ମାସ ଓ ଚଇତି ପର୍ବ

ଋତୁ ମଧ୍ୟରେ ଶ୍ରେଷ୍ଠ ବସନ୍ତକୁ ଋତୁରାଜର ମାନ୍ୟତା ଦିଆଯାଇଛି। ଏହି ଋତୁରେ ପ୍ରକୃତିର ଅନନ୍ୟ ଶୋଭା ଓ ବିଶେଷ ପର୍ବପର୍ବାଣି ଲୋକମାନଙ୍କ ମନରେ ଅହେତୁକ ଆନନ୍ଦ ଓ ଉତ୍ସାହ ଆଣିଦେଇଥାଏ। ଏହି ସମୟରେ ସମଗ୍ର ଭାରତ ତଥା ଓଡ଼ିଶାର ପ୍ରସିଦ୍ଧ ଦେବୀ ପୀଠମାନଙ୍କରେ ଭିନ୍ନଭିନ୍ନ ଶୈଳୀରେ ମା'ଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ଲୋକମତରେ ଚୈତ୍ର ମାସ ହେଉଛି ଦେବୀ ଆରାଧନାର ପ୍ରକୃଷ୍ଟ ସମୟ। ତେଣୁ ପୁରପଲ୍ଲୀରେ ମଧ୍ୟ ଭକ୍ତି ଓ ଶ୍ରଦ୍ଧାର ସହିତ ମା'ଙ୍କର ଆରାଧନା କରି ଲୋକମାନେ ଦେବୀ ମା'ଙ୍କ କୃପାଲାଭ କରିଥାନ୍ତି। ଏହି ସମୟରେ ମା'ଙ୍କର ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ରୀ ଉତ୍ସବ ବିଭିନ୍ନ ସ୍ଥାନରେ ପାଳନ କରାଯାଉଥିବା ବେଳେ କାକଟପୁର ମଙ୍ଗଳାଙ୍କର ଝାମୁଯାତ୍ରା, ବ୍ରହ୍ମପୁରର ଠାକୁରାଣୀ ଯାତ୍ରା ଓ କୈବର୍ତ୍ତ ସମ୍ପ୍ରଦାୟମାନଙ୍କର ଚଇତି ପର୍ବ ବା ବାସେଳୀ ଠାକୁରାଣୀଙ୍କ ଘୋଡ଼ାନାଚ ଓଡ଼ିଶାରେ ଅତି ପ୍ରସିଦ୍ଧ। ଦେବୀ ଆରାଧନାରେ ଚୈତ୍ର ମାସର ମହତ୍ତ୍ୱ ଓ ପାରମ୍ପରିକ ଚଇତି ପର୍ବକୁ ନେଇ 'କାଦମ୍ବିନୀ'ର ଏହି ଆଲେଖ୍ୟ। ଉପସ୍ଥାପନା: ଅନନ୍ତ ପ୍ରଧାନ

## ବିଶେଷ ପ୍ରସଙ୍ଗ : ନବେ ଦଶକର ନବଜାତ: ଓଡ଼ିଆ ଗଳ୍ପର ଭବିଷ୍ୟତ

ଆଗାମୀକାଲିର ଗଳ୍ପ ସାହିତ୍ୟ କେଉଁମାନଙ୍କ ସୃଜନରେ ସମୃଦ୍ଧ ହେବ ? କେଉଁମାନଙ୍କ ହାତରେ ନିରାପଦ ରହିବ ଆମ ଗଳ୍ପର ଭବିଷ୍ୟତ ? ଗଳ୍ପର ଭବିଷ୍ୟତ ଯେଉଁମାନଙ୍କ ହାତରେ; ସେମାନଙ୍କ ଦୃଷ୍ଟିଭଙ୍ଗୀ ଓ ଅବବୋଧ ଯାନ୍ତ୍ରିକ ଜୀବନଚର୍ଯ୍ୟା ଭିତରେ ଆବଦ୍ଧ ହୋଇ ରହିଯିବ ନା ସଫଳତାର ସହ ଅଗ୍ରସର ହେବ ? ପୁଣି ଓଡ଼ିଆ ଗଳ୍ପର ଭବିଷ୍ୟତକୁ ସୁଦୃଢ଼ କରିବା ଏବଂ ଓଡ଼ିଆ ଗଳ୍ପର ଜୟଯାତ୍ରାକୁ ଆଗକୁ ଆଗେଇ ନେବାରେ ସେମାନଙ୍କ ଲେଖନୀରେ କେତେ ପ୍ରାଣଶକ୍ତି ରହିଛି ? – ଏମିତି କିଛି ପ୍ରଶ୍ନର ଉତ୍ତର ଖୋଜିଖୋଜି 'କାଦମ୍ବିନୀ' ଆସି ପହଞ୍ଚିଛି ସାମ୍ପ୍ରତିକ ସମୟର ତରୁଣ ଗାଳ୍ପିକ ଗାଳ୍ପିକାଙ୍କ ନିକଟରେ; ଯେଉଁମାନଙ୍କ ଜନ୍ମ ନବେ ଦଶକରେ ଏବଂ ଯାହାଙ୍କ ନିକଟରେ ସମ୍ଭାବନା ଓ ସାମର୍ଥ୍ୟର ଝଲକ ଦେଖାଯାଉଛି। ନବେ ଦଶକରେ ଜନ୍ମିତ ଏହି ନୂଆମୁହଁମାନେ ନିଜର ସ୍ୱତନ୍ତ୍ର ଗୁଣଧର୍ମ ଦ୍ୱାରା ଗଳ୍ପର ପୃଷ୍ଠଭୂମିରେ ଆଶାର ଆଭାସ ଭରିଛନ୍ତି। ଓଡ଼ିଆ ଗଳ୍ପର ପରିସୀମାକୁ ବ୍ୟାପ୍ତ ଓ ବିସ୍ତୃତ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହାର ଏକ ସୂଚନା ଦେବା ସହିତ ନବପ୍ରଜନ୍ମମାନଙ୍କ କଥା ଜାଣିବା ପାଇଁ ୧୯୯୦ରୁ ୨୦୦୦ ମସିହା ମଧ୍ୟରେ ଜନ୍ମିତ ଦଶଜଣ ତରୁଣ ସମ୍ଭାବନାଙ୍କୁ ପ୍ରତିନିଧି ଭାବେ ଆମେ ଏଠାରେ ସ୍ଥାନିତ କରିଛୁ। ତେବେ ନବେ ଦଶକରେ ଜନ୍ମିତ ନବପ୍ରଜନ୍ମର ଏଇ ଗାଳ୍ପିକ ଗାଳ୍ପିକାମାନେ ଯେ ଆସନ୍ତାକାଲିର ଓଡ଼ିଆ ଗଳ୍ପର ସୁଦୃଢ଼ ଭବିଷ୍ୟତ ହେବେ, ଏଇ ବିଶ୍ୱାସ ରଖି ଏଭଳି ଦଶଜଣ ସମ୍ଭାବନାଙ୍କୁ ଏକାଠି କରିବାର ପ୍ରୟତ୍ନ କରିଛି 'କାଦମ୍ବିନୀ'। ହୁଏତ ସେମାନଙ୍କ ଭିତରୁ କେହିକେହି ଭବିଷ୍ୟତରେ ଖୁବ୍ ପ୍ରତିଷ୍ଠିତ ହୋଇପାରନ୍ତି କିମ୍ବା ଲେଖନୀ ଛାଡ଼ିଦେଇପାରନ୍ତି; କିନ୍ତୁ ସେମାନେ ଯେ ଆଗାମୀଦିନର ସମ୍ଭାବନା – ଏଇ ଭରସାରେ ସେମାନଙ୍କୁ ସାମିଲ୍ କରିଛୁ। ଏଥିରେ ନବପ୍ରଜନ୍ମଙ୍କୁ ଚିହ୍ନିବା, ଚିହ୍ନେଇବା ସହିତ ସେମାନଙ୍କ ରୁଚି, ଅରୁଚି, ଶଙ୍କା, ସନ୍ଦେହ, ଦୃଷ୍ଟି ଓ ଦର୍ଶନକୁ ଉପସ୍ଥାପିତ କରିଛୁ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନାରେ। ପ୍ରସ୍ତୁତି ଓ ଉପସ୍ଥାପନା: କେଦାର ମିଶ୍ର

**କାଳଜୟୀ:**

୧୯୩୫ ମସିହା ଅକ୍ଟୋବର ୨୧ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାର ବଣାଇଠାରେ ପ୍ରଥିତଯଶା ଗାଳ୍ପିକ ରବି ପଟ୍ଟନାୟକଙ୍କର ଜନ୍ମ। ପାରମ୍ପରିକତାର ଦାଣ୍ଡିରୁ ବାହାରି ନବ୍ୟ ରୁଚି, ନବ୍ୟ ଚିନ୍ତା-ଚେତନା, ଅଣଆବିଷ୍କୃତ ମାନବୀୟ ମୂଲ୍ୟବୋଧକୁ ସେ ଗଳ୍ପରେ ପରିବେଷଣ କରିଛନ୍ତି। ଚାଟୁଳ କାହାଣୀସର୍ବସ୍ୱ ବର୍ଣ୍ଣନାରୁ ଦୂରେଇଯାଇ, ସ୍ଥିତିବାଦୀ ଦର୍ଶନର ସନ୍ତୁଳିତ ପ୍ରୟୋଗ ତାଙ୍କ ଗଳ୍ପଗୁଡ଼ିକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିବା ସହିତ ତାଙ୍କୁ ଜଣେ ମାନବ ସଚେତନ ଗାଳ୍ପିକ ଭାବରେ ପରିଚୟ ପ୍ରଦାନ କରିଛି। 'ଅସାମାଜିକର ଡାଏରୀ', 'ଅନ୍ଧଗଳିର ଅନ୍ଧକାର', 'ବହୁରୂପୀ', 'ରାଗ ତୋଡ଼ି', 'ହିରଣ୍ୟଗର୍ଭ', 'ଗଳ୍ପ', 'ବିଷୁବରେଖା', 'ରାଜାରାଣୀ', 'ବନ୍ଧ୍ୟା ଗାନ୍ଧାରୀ', 'ଅମରିଲତା', 'ବିଚିତ୍ରବର୍ଣ୍ଣା', 'ଛାୟାପୁତ୍ରର କାଳ' ଆଦି ଗଳ୍ପ ସଂକଳନ ତାଙ୍କ ଜ୍ୟୋତିସ୍ରାବୀ ଲେଖନୀର ଅମ୍ଳାନ ସୃଷ୍ଟି। 'ହିରଣ୍ୟଗର୍ଭ' ଗଳ୍ପ ସଂକଳନ ପାଇଁ ୧୯୮୪ ମସିହାରେ ସେ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ପୁରସ୍କାର, ୧୯୯୧ ମସିହାରେ 'ବନ୍ଧ୍ୟା ଗାନ୍ଧାରୀ' ଗଳ୍ପ ସଂକଳନ ପାଇଁ ମରଣୋତ୍ତର ସାରଳା ପୁରସ୍କାର ଏବଂ ୧୯୯୨ ମସିହାରେ 'ବିଚିତ୍ରବର୍ଣ୍ଣା' ଗଳ୍ପ ସଂକଳନ ପାଇଁ ମରଣୋତ୍ତର 'କେନ୍ଦ୍ର ସାହିତ୍ୟ ଅକାଦେମୀ' ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଭାରତ ସରକାରଙ୍କ ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ଥିବା ସମୟରେ ୧୯୯୧ ମସିହା ଜୁନ୍ ୩ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ଚଳିତ କାଳଜୟୀ ପୃଷ୍ଠାରେ ମହାନ ସାହିତ୍ୟିକ ରବି ପଟ୍ଟନାୟକଙ୍କର ଏକ ବହୁ ଆଲୋଚିତ ଗଳ୍ପ 'ବନ୍ଧ୍ୟା ଗାନ୍ଧାରୀ'କୁ ପାଠକମାନଙ୍କ ପାଇଁ ସ୍ଥାନିତ କରୁଛୁ। ଶତପୁତ୍ରର ଜନନୀ ମହାଭାରତୀୟ ଚରିତ୍ର ଗାନ୍ଧାରୀଙ୍କୁ ସେ ଏଠି ଆଗ୍ନେୟ ପ୍ରତିବାଦର ଗୋଟିଏ ଜ୍ୱଳନ୍ତ ପ୍ରତୀକ ଭାବରେ ଉପସ୍ଥାପନ କରିଛନ୍ତି। ମହାଭାରତର ଗାନ୍ଧାରୀ ତୁଳନାରେ ରବି ପଟ୍ଟନାୟକଙ୍କ ଗାନ୍ଧାରୀ ହୋଇ ଉଠିଛି ଅଧିକ ସାହସୀ, ଅଧିକ ମହିମାଦୀପ୍ତ। ନପୁଂସକ, ଭୀରୁ କିଂବା ପାପି, ନରହନ୍ତା ସନ୍ତାନରେ ଶତଗର୍ଭା ହେବା ପରିବର୍ତ୍ତେ ସେ ଶୂନ୍ୟଗର୍ଭା ହେବାକୁ ଶ୍ରେୟସ୍କର ମଣିଛି। ପୌରାଣିକ ଚରିତ୍ର ଗାନ୍ଧାରୀର ପ୍ରତୀକାତ୍ମକ ପରିବର୍ତ୍ତିତ ସ୍ୱରୂପ ଭାରତୀକୁ ରବି ପଟ୍ଟନାୟକ ପ୍ରତିବାଦର ଏପରି ଏକ ସ୍ଥାନରେ ଠିଆ କରେଇଛନ୍ତି ଯେଉଁଠୁ ଧାଡ଼ିଟିଏ ଆରମ୍ଭ ହେଇଛି। - **ସମ୍ପାଦିକା**

**ହତଭାଗ୍ୟ ମଣିଷର ଅପହୃତ ଅଧିକାରର କାହାଣୀ**

**ଲେଖକ: ରୁଦ୍ରନାରାୟଣ ମହାପାତ୍ର**

ଅନେକ ଲୋକ ଭାବନ୍ତି ଧୃତରାଷ୍ଟ୍ରଙ୍କ ପ୍ରତି ଥିବା ଅନାବିଳ ସ୍ନେହ ଓ ସମ୍ମାନ ହେତୁ ଗାନ୍ଧାର ରାଜ୍ୟର ରାଜାକୁମାରୀ ଗାନ୍ଧାରୀ ନିଜ ଆଖିରେ ଅନ୍ଧପୁଟୁଳି ବାନ୍ଧି ସ୍ୱାମୀଙ୍କ ପରି ଦୃଷ୍ଟିହୀନ ଜୀବନକୁ ଆପଣେଇ ନେଇଥିଲେ। ମାତ୍ର ଅନ୍ୟପକ୍ଷରେ ଏହାର ବିପରୀତ କଥା ବି ଶୁଣିବାକୁ ମିଳେ। ବାସ୍ତବରେ ଗାନ୍ଧାରୀ ସ୍ୱାମୀଙ୍କ ପ୍ରତି ଥିବା ସ୍ନେହ ନୁହେଁ; ବରଂ କ୍ରୋଧ ହେତୁ ନିଜ ଆଖିରେ ଅନ୍ଧପୁଟୁଳି ବାନ୍ଧି ଜୀବନ କାଟିଥିଲେ। ପୁରୁଷପ୍ରଧାନ ଧୃତରାଷ୍ଟ୍ର ସମାଜରେ ନିଜର ଅସ୍ତିତ୍ୱ ଖୋଜି ହାରିଯାଇଥିବା ଗାନ୍ଧାରୀ ହେଲେ ମଉନ ପ୍ରତିଶୋଧ ପରାୟଣା। ନିଜ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦୃଷ୍ଟିହୀନ ଜୀବନକୁ ଆପଣେଇ ନେଲେ।

**ଗଳ୍ପ : ବନ୍ଧ୍ୟା ଗାନ୍ଧାରୀ**

**ଲେଖକ: ରବି ପଟ୍ଟନାୟକ**

ଏଇତ ପାଞ୍ଚବର୍ଷ ତଳର କଥା। ଦିନ ଏଗାରଟା ବେଳେ ବିନା ପଣ୍ଡା କୁନା ସାହୁକୁ ଦୋକାନ ଭିତରୁ ଘୋଷାରିଆଣି ଛୁରୀ ଭୁସି ଦେଲା ବଜାର ଉପରେ। କୁନା ସାହୁ, "ମାରି ପକେଇଲା ହୋ, କିଏ ଅଛ ବଞ୍ଚାଅ" ଥରକ ମାତ୍ର ଚିତ୍କାର କରିଥିଲା। ତା' ପରଠୁ ତା'ର ଅନ୍ତବୁଜୁଳା ବାହାରି ପଡ଼ି ଖଦଡ଼ିଆ ନାଳି ରାସ୍ତା ଉପରେ ପଡ଼ି ସାରିଥାଏ। ତା'ର 'ମରିଗଲି ପାଣି, ଆଃ ପାଣି ଟୋପେ' ଓ କାନ୍ଦ କ୍ରମଶଃ ଧିମେଇ ଆସୁଥିବାର ଲୋକେ ଶୁଣିଛନ୍ତି।

**ଗଳ୍ପ : ଅନ୍ୟ ଏକ ପ୍ରତ୍ନଶାଳା**

**ଲେଖକ : ଆଦିକନ୍ଦ ସାହୁ**

ଛୁଆବେଳେ ଆମକୁ ଜ୍ୱର ସର୍ଦ୍ଦି ହେଉଥିଲେ ମାଆ ବାଡ଼ି ବଗିଚାରୁ ଚେରମୂଳ ଆଣି ବାଟି ପିଆଇ ଦିଏ। କେତେବେଳେ ସଜନାଗଛର ଛାଲି ତ କେତେବେଳେ କଳା ତୁଳସୀ ସହିତ ମହୁ ଆଉ ଶିଙ୍ଗଡ଼ାହାର ଗଛର ପତ୍ର। ସେତିକିରେ ଆମେ ଭଲ ହୋଇଯାଉ। ନ ହେଲେ ଗାଁ ଗୁଣିଆ ଗୁରା ପତି କେତେବେଳେ କେମିତି ସଞ୍ଜବେଳେ ଆସି ଥରେ ଦି'ଥର ଝଡ଼ାଫୁଙ୍କା କରି ଦେଇ ଯାଉଥିଲା। ଆଉ କବିରାଜ, ଡାକ୍ତର ପାଖକୁ ଯିବାକୁ ପଡୁନଥିଲା।

**ଗଳ୍ପ : କୋମଳ ଗାନ୍ଧାର**

**ଲେଖିକା: ଅର୍ଚ୍ଚନା ନାୟକ**

ଖାଇବା ପିଇବା, ବିଛଣା ଝଡ଼ା ଓ ତାଙ୍କର ଲୁଗାପଟା ଧୁଆଧୋଇ କାମ ସେ ହିଁ କରୁଥିଲେ। ସେଥିରେ ଟିକେ ଭୁଲ ହେଲେ ବୋହୂର ଅବସ୍ଥା ରଖୁନଥିଲେ। ଆଶା ଥିଲା ସ୍ୱାମୀ ଯିବାପରେ ତାଙ୍କ ସ୍ୱଭାବରେ କିଛି ପରିବର୍ତ୍ତନ ନିଶ୍ଚୟ ହେବ। ସେ ଟିକେ ଉଗ୍ରତା ପରିହାର କରିବେ। କିନ୍ତୁ ତା' ତ ଆଦୌ ହେଲାନି। ବରଂ ଜଣକ ସ୍ଥାନରେ ଚାରିଜଣଙ୍କୁ ତାଙ୍କ ପ୍ରତାପ ଦେଖାଇବାର ସୁଯୋଗ ମିଳିଗଲା।

**ଗଳ୍ପ : ପାହାଡ଼ ଚଢ଼ା**

**ଲେଖିକା : ସରୋଜିନୀ ସାହୁ**

କେତକୀ ନଣନ୍ଦକୁ କିଛି କହେନି। ଶାଶୁଙ୍କ ଜୀବନ ଲଟକିଛି ନଣନ୍ଦ ପାଖରେ। ମା' ଝିଅ ଏକାଠି ହେଲେ ସାରା ସଂସାରକୁ ଫାଲ୍ତୁ ସମାଲୋଚନା କରି ବସନ୍ତି। କାହିଁକି କେଜାଣି ଆଦି ଛଡ଼ା ଏ ଘରର କୌଣସି ଜିନିଷକୁ ପସନ୍ଦ କରିପାରେନି। ଜୀବନ ପ୍ରତି ଯେତେ ଅସନ୍ତୋଷ ଅବସୋସ ରହିଛି, ଛାତ ଭିତରେ ଗାତ ଖୋଳି ପୋତି ଦିଏ ସେ।

**ଗଳ୍ପ : ଗୋଟିଏ ନୀରବ ପ୍ରେମର କାହାଣୀ**

**ଲେଖିକା : ପୁଷ୍ପାଞ୍ଜଳି ନାୟକ**

କଲେଜ ଦିନରୁ ବ୍ଲାଉଜ, ସାଲଓ୍ୱାର ତିଆରି କରିବା ପାଇଁ ମୋ ପାଖକୁ ଆସେ। ହେଲେ ସେ ସନ୍ତୁଷ୍ଟ ହୁଏନା। ଖୁଣ ବାଛେ। ବାରମ୍ବାର ଫେରାଏ। ମୁଁ ବି ମରାମତି କରିକରି ଦିଗ୍‌ଦାର ହୋଇଯାଏ। ମୁଁ ସେତେବେଳକୁ ବିବାହ କରି ନାହିଁ। ଦିନେ ଜାଣିଲି, ଝିଅଟାକୁ ମୁଁ ଭଲପାଇ ବସିଛି। ମତେ ଲାଗୁଥିଲା, ଝିଅଟା ବି ମତେ ଭଲପାଉଛି।

**ଗଳ୍ପ : ଜାମୁକୋଳି**

**ଲେଖକ: ନିତ୍ୟାନନ୍ଦ ପଣ୍ଡା**

ତୁମର ପଇଡ଼ ପରି ମୁଣ୍ଡ ପାଇଁ ଖପାକେଶ ଗୋଟେ ହଳ ନେଇଆସିବି। ଗୋପକୁଞ୍ଜ ଅଗରବତି କୁମ୍ପାନୀର ମେନେଜର ଏତେ ମାତ୍ରାରେ ଚନ୍ଦା ହେବା ଅନୁଚିତ। ସୁଶ୍ରୀ ଛବିଲତା କହୁଥିଲେ ସେ ଚନ୍ଦାଙ୍କୁ ପସନ୍ଦ କରନ୍ତିନି। ମୋର ଭୟ ହେଉଛି, ସେ କେତେବେଳେ ତୁମ ମଥାରେ ହାତ ବୁଲେଇ ଦେବେ।

**ଗଳ୍ପ : ଏଇତ ଉଡ଼ାଣ**

**ଲେଖିକା: ଗାୟତ୍ରୀ ସରାଫ**

ମାଧବନ୍‌ର ବିଶେଷ ପସନ୍ଦ ଇଟାଲିଆନ୍ ଓ ଚାଇନିଜ୍। କିଛି ରେସିପି ମୁଁ ଇଣ୍ଟରନେଟ୍‌ରୁ ଶିଖିଲି ଆଉ କେତେଟା ଆମ ନେବର୍‌ହୁଡ୍‌ରେ ଥିବା ଭାରତୀୟଙ୍କଠୁ। ଦିନରେ ତ ସେ ଖାଏନା। ରାତିରେ ଯେତେବେଳେ ସେ ଇଟାଲିଆନ୍ ବ୍ରେଡ୍ ସାଲାଡ୍ ଓ ପାସ୍ତା ପାଇଁ ଜିଦ୍ କରେ ମୁଁ ଖାଏ ସିନା ମା', ମନେ ପଡୁଥାଏ ତୁମ ହାତସେକା ରୁଟି।

**ଗଳ୍ପ : ନାମରଣ**

**ଲେଖକ: ପରେଶ ପଟ୍ଟନାୟକ**

ମୋର ବଞ୍ଚି ଉଠିବାର ସମ୍ଭାବନା ଅଛି ଶୁଣିବାମାତ୍ରେ ବୋହୂର ମନ ଖରାପ ହୋଇଗଲା, ଯେମିତିକି ମୋର ମୃତ୍ୟୁ ତା' ପାଇଁ ଗୋଟେ ଭଲ ଖବର ଥିଲା। ମୋର ପତ୍ନୀ ଏବେ କାନ୍ଦ ବନ୍ଦ କରି ଡବଡବ ଆଖିରେ ଚାହୁଁଥିଲା। ଯେମିତି ଗୋଟାଏ ମିରାକ୍ଲ ଘଟିଯାଇପାରେ ସାମ୍ନାରେ। ପୁଅ ଡାକ୍ତରଙ୍କ ଚମଡ଼ା ବ୍ୟାଗଧରି ଠିଆ ହୋଇଥିଲା ଓ ଦ୍ୱନ୍ଦ୍ୱ ଭିତରେ ଥିଲା। ଏହାପରେ କ'ଣ ହେବ ବା କ'ଣ କରାଯିବ।

**ଗଳ୍ପ : ଅଦିତିର ଆତ୍ମଜୀବନୀ**

**ଲେଖକ: ଶ୍ୟାମାପ୍ରସାଦ ଚୌଧୁରୀ**

ଲାଇଟ୍‌କୁ ମୁଁ ଲିଭେଇ ଦେଇଛି। ସତେଅବା ଅନ୍ଧାରରେଇ ଖୋଜିହୁଏ ପ୍ରକୃତ ରହସ୍ୟକୁ। ସତେ ଅବା ଖୋଜିବାର ଇଚ୍ଛା ହିଁ ହେଉଛି ପ୍ରକୃତ ଆଲୋକ। ଅଦିତି ଦିନେ ସନ୍ଧ୍ୟାବେଳେ ସେଇମାତ୍ର ଶେଷ କରିଥିବା ଗପ ଶୁଣେଇବାକୁ ଚାହିଁଲା। ଅଦିତି ଦିନେ ସନ୍ଧ୍ୟାବେଳର କଥା କହୁଛି। ତା' କହିବା ଅନୁସାରେ ଗୀତର ସ୍ୱରପରି ଗପର ଗୋଟେ ଛନ୍ଦଥାଏ ଏବଂ ତାକୁ କୁଆଡ଼େ ମୁଁ ହିଁ ଠିକ୍ ଧରିପାରେ।

**ଗଳ୍ପ : ଶ୍ୱାନ ସଂଳାପ**

**ଲେଖକ: ଅନିଲ କୁମାର ଦାସ**

ସର୍ଦାର୍ ସରୋବର ବୁଲିବା ଅବସରରେ ମିଷ୍ଟର୍ ମଜୁମ୍‌ଦାର ଆଦ୍ୟାଶାକୁ ସିଧା ସଳଖ ପ୍ରପୋଜ୍ କରିଥିଲେ ବିବାହ ପାଇଁ। ଆଦ୍ୟାଶା ଖୁସି ହେଇ ପାରି ନ ଥିଲା। ଭୁଲ୍ ମଧ୍ୟ ବୁଝି ନ ଥିଲା ମିଷ୍ଟର୍ ମଜୁମ୍‌ଦାରଙ୍କୁ। ପାଞ୍ଚବର୍ଷ ଧରି ଜଣେ ଡିଭୋର୍ସିର ଜୀବନ ବଞ୍ଚିବା ନିଶ୍ଚୟ ବେଶ୍ କଷ୍ଟ ଦାୟକ। ପତ୍ନୀର ସାନ୍ନିଧ୍ୟ ହରାଇବା ଆଉ ପ୍ରେମିକର ସାହଚର୍ଯ୍ୟ ନ ପାଇବା ଭିତରେ କ'ଣ ବା ପାର୍ଥକ୍ୟ ! ପ୍ରେମ ମଣିଷକୁ କେତେ ନିଃସ୍ୱ କରିପାରେ ସେ କଥା ଆଦ୍ୟାଶାଠୁ ଅଧିକ ବୁଝିଛି କିଏ !

**ଗଳ୍ପ : ଏକ ଶୂନ ଶୂନ**

**ଲେଖିକା: ମମତାମୟୀ ଚୌଧୁରୀ**

ଭୁବନ ଓ ଆଂଶୁ ଧରିପକାଇଲେ ତନୁଜାକୁ। 'ମାଡାମ! ଏ କ'ଣ କଲେ?' ବେଶ୍ କିଛି ସମୟର ନିରବତା ପରେ କାଳୁସ୍ତ ହୋଇ ଛିଡ଼ା ହୋଇଥିବା ଶୁଭଙ୍କରକୁ ଭୁବନ ସାହାରା ଦେଲା, 'ସାର୍। ପେସେଣ୍ଟ୍ ଏମିତିରେ ସିରିୟସ୍ ଥିଲା। ସେମାନେ ତ ବଣ୍ଡ୍ ସାଇନ୍ କରିଛନ୍ତି। ଆପଣମାନଙ୍କୁ ସେମାନେ ଦୋଷ ଦେଇପାରିବେନି। ଖାଲି ମାଡାମଙ୍କୁ ହୋସ୍‌କୁ ଆଣିବାର ଅଛି।

**ଗଳ୍ପ : ଗ୍ରହରାଗ**

**ଲେଖକ: ବିଭାବତୀ ଦାଶ**

ସତରେ କେଡ଼େ ବିଚିତ୍ର ଏ ସମାଜ ଓ ସାମାଜିକ ଚଳଣି। ଘର ତିଆରି ପାଇଁ ସିନା ମାପଚୁପ ମେଳକ ଦରକାର; ହେଲେ ସଂସାର ତିଆରି ପାଇଁ ତାରିଖ, ଗ୍ରହ-ରାଶି-ନକ୍ଷତ୍ରଠୁ ବେଶୀ ଦରକାର ମନର ମେଳକ। ମନରେ ମନ ନ ମିଶିଲେ କୌଣସି ଗ୍ରହ ପିଠିରେ ପଡ଼ିବେନି। ସେ ସଂସାରରେ ସୁଖ ବି ତିଷ୍ଠିବନି। ହେଲେ ମନକୁ ପଚାରେ କିଏ! ସମସ୍ତେ ତ ରାଶି-ନକ୍ଷତ୍ରକୁ ମିଶେଇବାରେ ବ୍ୟସ୍ତ।

**ଅନୁବାଦ ଗଳ୍ପ : ଏହା ହିଁ ସତ୍ୟ**

**ମୂଳ ହିନ୍ଦୀ : ମନ୍ନୁ ଭଣ୍ଡାରୀ, ଅନୁବାଦ : ପ୍ରଭାକର ସ୍ୱାଇଁ**

ସଞ୍ଜୟ ଟିକିଏ ଭାବିଦେଖ, ଯଦି ସେମିତି କିଛି ଥାଆନ୍ତା, ତେବେ ମୁଁ କ'ଣ ତୁମର ପ୍ରତିଟି ଉଚିତ ବା ଅନୁଚିତ ଚେଷ୍ଟାର ସାମ୍ନାରେ ଏମିତି ଆତ୍ମସମର୍ପଣ କରନ୍ତି? ତୁମର ଚୁମ୍ବନ ଓ ଆଲିଙ୍ଗନରେ ନିଜକୁ ଏମିତି ଉଜାଡ଼ି ଦିଅନ୍ତି? ଜାଣିଛ, ବିବାହ ପୂର୍ବରୁ କୌଣସି ଝିଅ କାହାକୁ ଏସବୁ ଅଧିକାର ଦିଏ ନାହିଁ। ହେଲେ ମୁଁ ଦେଇଛି। କାରଣ ମୁଁ ତୁମକୁ ପ୍ରେମ କରେ, ବହୁତ ବହୁତ ପ୍ରେମ କରେ। ବିଶ୍ୱାସ କର ସଞ୍ଜୟ, ତୁମ ମୋ ପ୍ରେମ ହିଁ ସତ୍ୟ, ନିଶୀଥର ପ୍ରେମ ତ କେବଳ ମାତ୍ର ଛଳନା ଥିଲା, ଭ୍ରମ ଥିଲା, ମିଥ୍ୟା ଥିଲା।

**ଉପନ୍ୟାସ : ମାନସ ମନ୍ଥନ**

**ଲେଖିକା: ଇତି ସାମନ୍ତ**

"ଏ ସଂସାରରେ କାହାର କାହା ସହିତ କେତେବେଳେ ଦେଖା ହେବ, କୋଉ ପରିସ୍ଥିତିରେ ଦେଖାହେବ, କେମିତି ଦେଖାହେବ, କାହିଁକି ଦେଖାହେବ ସେ କଥା ସେହି ଉପରବାଲାଙ୍କ ଛଡ଼ା ଆଉ କିଏ ଜାଣି ପାରିବ?"

**କବିତା**

ଏଥର କବିତାରେ ରହିଛି: ସତ୍ୟବାଦୀ ରାଉତଙ୍କ 'ରାତିକ ପାଇଁ ଚହଟେ ଗଙ୍ଗଶିଉଳୀ', ଅଜିତ ଦାଶମହାପାତ୍ରଙ୍କ 'ରାତି ପାହିଥିଲେ' ଏବଂ ଗାୟତ୍ରୀବାଳା ପଣ୍ଡାଙ୍କ 'ଶତ୍ରୁ'।

**ଭ୍ରମଣ କାହାଣୀ: ମୋ ଝର୍କାର ପୃଥିବୀ (୨୦)**

**ଲେଖିକା : ସୁସ୍ମିତା ବାଗ୍‌ଚୀ**

(ଭ୍ରମଣ କାହାଣୀ 'ମୋ ଝର୍କାରୁ ପୃଥିବୀ' ୧୯୯୧ରୁ ୧୯୯୩ ପର୍ଯ୍ୟନ୍ତ ଧାରାବାହିକ ଭାବରେ 'ସୁଚରିତା'ରେ ପ୍ରକାଶ ପାଇ ଲୋକପ୍ରିୟ ହୋଇଥିଲା। ପରେ ଏହାର ଦ୍ୱିତୀୟ ଭାଗ ଲେଖିବା କଥା ମୋତେ ଅନେକ ପାଠକ ପାଠିକା କହିଥିଲେ। ବିଭିନ୍ନ କାରଣରୁ ତାହା ଆଉ ସମ୍ଭବ ହୋଇପାରି ନ ଥିଲା। ମୋର ମନେହୁଏ ସବୁ ପାଇଁ ଗୋଟିଏ ଉପଯୁକ୍ତ ସମୟ ଥାଏ। ଏବେ କଲମ ଧରିଲେ 'ମୋ ଝର୍କାରୁ ପୃଥିବୀ' ଲେଖିବା ପାଇଁ ନିଜ ଭିତରୁ ଏଭଳି ଆଗ୍ରହ ଆସୁଛି ଯେ, ତାକୁ ମୁଁ ଆଡ଼େଇ ଦେଇ ପାରୁନାହିଁ। ଆଶା କରୁଛି, ପ୍ରଥମ ଭାଗ ଭଳି 'କାଦମ୍ବିନୀ'ରେ ପ୍ରକାଶିତ ଦ୍ୱିତୀୟ ଭାଗଟି ମଧ୍ୟ ପାଠକ ପାଠିକାଙ୍କୁ ଭଲ ଲାଗିବ। - ଲେଖିକା)

**ସୌନ୍ଦର୍ଯ୍ୟ : ଆଧୁନିକ ସୌନ୍ଦର୍ଯ୍ୟ: ସ୍ପା**

ସାମ୍ପ୍ରତିକ ବ୍ୟସ୍ତତାପୂର୍ଣ୍ଣ ଜୀବନଚର୍ଯ୍ୟାରେ ସମୟର ଅଭାବ ସମସ୍ତଙ୍କ ପାଖରେ। ବିଶେଷ କରି ମହିଳାମାନେ କିଛି ନା' କିଛି ଘର ଓ ବାହାରର କାମ କରିବା ଭିତରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କ ପାଖରେ ଅଧିକ ସମୟ ନ ଥାଏ ନିଜର ଓ ନିଜ ସୌନ୍ଦର୍ଯ୍ୟର ଯତ୍ନ ନେବା ପାଇଁ। ଏଭଳି ବ୍ୟସ୍ତତାପୂର୍ଣ୍ଣ ଜୀବନରେ ଥକିଗଲେ ଦୁଇ ମିନିଟ୍‌ର ଆରାମ ମଧ୍ୟ ଶରୀର ମଧ୍ୟରେ ଭରିଦିଏ ସ୍ଫୂର୍ତ୍ତି, ନୂତନ ଉନ୍ମାଦନା। ପ୍ରକୃତିରେ ଏପରି ବିଭିନ୍ନ ମାଧ୍ୟମ ରହିଛି ଯାହା ଶାରୀରିକ, ମାନସିକ ଓ ଆତ୍ମିକ ସ୍ଫୂର୍ତ୍ତି ପ୍ରଦାନ କରି ଶରୀରର ଥକାପଣକୁ କିଛି ମାତ୍ରାରେ ହାଲୁକା କରି ଦେଇଥାଏ। ପ୍ରକୃତି ପ୍ରଦତ୍ତ ଏହିଭଳି ବିଭିନ୍ନ ମାଧ୍ୟମ ମଧ୍ୟରେ 'ସ୍ପା' ଥେରାପିର ରହିଛି ସ୍ୱତନ୍ତ୍ର ସ୍ଥାନ। ଧୀରେଧୀରେ ଆଧୁନିକ ସୌନ୍ଦର୍ଯ୍ୟ ଜଗତରେ 'ସ୍ପା' ଥେରାପି ନିଜର ସ୍ଥାନକୁ ଦୃଢ଼ କରି ଚାଲିଛି। 'ସ୍ପା' ଥେରାପି କହିଲେ କ'ଣ? ଏହି ଥେରାପି ଦ୍ୱାରା ଆମ ଶରୀରରେ କ'ଣ ସବୁ ଲାଭ ମିଳିଥାଏ? ଏହିସବୁ କଥାକୁ ଆସନ୍ତୁ ଆଲୋଚନା କରିବା 'କାଦମ୍ବିନୀ' ପୃଷ୍ଠାରେ। ଉପସ୍ଥାପନା : ଅମ୍ରିତା ମହାନ୍ତି

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠାରେ ଅଛି: ସେଲ୍‌ଫିସ୍ ଦିଲ୍, ଲଭ୍ ୟୁ ଠୁ, ଚିର୍‌କୁଟ୍, ଦେ' ଦେ' ପ୍ୟାର ଦେ', ଷ୍ଟୁଡେଣ୍ଟ ଅଫ ଦି ଇୟର-୨ ଏବଂ ଦି ତାସ୍‌କେଣ୍ଟ ଫାଇଲ୍ସ।

## ଚଳନ୍ତିକା

ଏ ମାସର ଚଳନ୍ତିକା ପୃଷ୍ଠାରେ ଅଛି: 'କିସ୍'ରେ ଅବିର ପର୍ବ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ, ରାଜ୍ୟ ଟେଲି ପୁରସ୍କାର ଉତ୍ସବ, ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା ଏବଂ ଗୁରୁ ପଙ୍କଜ ଉତ୍ସବ।

## ରାଶିଗଣନା ଓ ତିଥି-ବାର-ବେଳା

ଅପ୍ରେଲ ମାସର ରାଶିଫଳ ସାଙ୍ଗକୁ ଅପ୍ରେଲ ଓ ମଇ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି: ମକାଖଇ ଚକଲେଟ୍ କେକ୍, ଡାଲି କେକ୍, ପରିବା କେକ୍, ଛେନା ଚାଉଳ କେକ୍, ଫ୍ରୁଟ୍ କେକ୍ ଏବଂ ବିରି ଚାଉଳ କେକ୍।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : ମାନସିକ ରୋଗ

ମାନସିକ ରୋଗ ସାଧାରଣତଃ ଜଣା ପଡ଼ିନଥାଏ। ମାତ୍ର ଏହା ଭିତରେ ଭିତରେ ଶରୀରର ବହୁ ମାତ୍ରାରେ କ୍ଷତି କରି ଚାଲିଥାଏ। ରୋଗୀ ତଥା ତାଙ୍କ ସଂପର୍କୀୟ ଏହି ରୋଗ ବିଷୟରେ ଅବଗତ ହେବା ସମୟକୁ ଡେରି ହୋଇଯାଇ ଥାଏ, ଫଳରେ ଏହାର ପ୍ରଭାବରେ ରୋଗୀ ସମ୍ପୂର୍ଣ୍ଣ ରୂପେ ନିଜର ମାନସିକ ଭାରସାମ୍ୟ ହରାଇ ବସିଥାଏ। ତେବେ କ'ଣ ଏହି ମାନସିକ ରୋଗ ଓ କିପରି ଏଥିପ୍ରତି ସଚେତନ ରହିବା। ଆସନ୍ତୁ ଜାଣିବା 'କାଦମ୍ବିନୀ'ର ସ୍ୱାସ୍ଥ୍ୟ ସୂଚନା ପୃଷ୍ଠାରୁ।

■■■